# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 May - 2024

********************************

## ମୁଖ୍ୟ ସମ୍ବାଦ

- ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ କନ୍ଧମାଳ, ବଲାଙ୍ଗୀର ଓ ବରଗଡ଼ଠାରେ ନିର୍ବାଚନୀ ର୍‍ୟାଲିକୁ କଲେ ସମ୍ବୋଧନ
- ସୋମବାର ଦିନ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଗ୍ରହଣ ପାଇଁ ଆଜି ଶେଷ ହେଉଛି ପ୍ରଚାର କାର୍ଯ୍ୟ
- ଆଜି ହେଉଛି ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

– ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ଜ୍ଞାପନ

- ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଅନୁଷ୍ଠିତ

ଏବଂ

- ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥଖଳାରେ ଆରମ୍ଭ ହେଲା 'ତୁମ୍ବ' ନିର୍ମାଣ କାର୍ଯ୍ୟ

## ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କନ୍ଧମାଳ, ବଲାଙ୍ଗୀର ଓ ବରଗଡ଼ ଠାରେ ଆୟୋଜିତ ନିର୍ବାଚନୀ ର୍‍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ବରଗଡ଼ର ବିକାଶ ଭିନ୍‌ଟେଜ୍ ପଡ଼ିଆରେ  ଆଜି ଏକ ନିର୍ବାଚନୀ ସଭାକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସରକାର ପରିବର୍ତ୍ତନର ସମୟ ଆସି ପହଁଞ୍ଚିଛି। ରାଜ୍ୟକୁ ବିକାଶ ପଥରେ ତ୍ୱରାନ୍ୱିତ କରିବାକୁ ହେଲେ ଡବଲ୍ ଇଞ୍ଜିନ୍ ସରକାରର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବହୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରି ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

ଏହା ପୂର୍ବରୁ ବଲାଙ୍ଗୀର ଠାରେ ଆୟୋଜିତ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି,

**- V/O -**

ତେବେ ପୂର୍ବାହ୍ନରେ କନ୍ଧମାଳ ଷ୍ଟାଡିୟମଠାରେ ଆୟୋଜିତ  ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଶ୍ରୀ ମୋଦୀ କହିଛନ୍ତି, କନ୍ଧମାଳ ଚାଷୀଙ୍କ ଲାଭ ପାଇଁ ହଳଦୀ ମିଶନ ଏବଂ ମସଲା ଉତ୍ପାଦନ କମ୍ପାନୀ

ପ୍ରତିଷ୍ଠା କରାଯିବ। ବୃତ୍ତଙ୍ଗ ଜଳଭଣ୍ଡାର ଏବଂ ମହାନଦୀରୁ ପାନୀୟ ଜଳ ଯୋଗାଣ ପାଇଁ ସେଠାରେ **'ହର୍ ଘର ନଲ୍'** ଯୋଜନା ଆରମ୍ଭ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, କନ୍ଧମାଳକୁ ଆକାଂକ୍ଷା ଜିଲ୍ଲା ଯୋଜନାରେ ସାମିଲ କରାଯାଇ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତେବେ ସେଠାରେ ବିକାଶ ପାଇଁ ଆହୁରି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଅଧିଷ୍ଠାତ୍ରୀ ଦେବୀ ପାଟଖଣ୍ଡା ଏବଂ ମା' ନାରାୟଣୀଙ୍କ ପ୍ରଣାମ ଜଣାଇ ପ୍ରଧାନମନ୍ତ୍ରୀ ତାଙ୍କର ଅଭିଭାଷଣ ଆରମ୍ଭ କରିଛନ୍ତି।

## ପ୍ରଥମ ପର୍ଯ୍ୟାୟ ମତଗ୍ରହଣ

ରାଜ୍ୟର ଆସନ୍ତା ସୋମବାର ଦିନ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ମତଗ୍ରହଣ ପାଇଁ ପ୍ରଚାର କାର୍ଯ୍ୟ ଆଜି ଅପରାହ୍ନ ୫ଟାରେ ଶେଷ ହେଉଛି। ଏହି ପର୍ଯ୍ୟାୟରେ ୪ଟି ଲୋକସଭା ଏବଂ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ। କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଏବଂ କୋରାପୁଟ୍ ସଂସଦୀୟ କ୍ଷେତ୍ର ପାଇଁ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ୩୦ଜଣ ପୁରୁଷ ଏବଂ ୭ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। କୋରାପୁଟ, କଳାହାଣ୍ଡି ଏବଂ ବ୍ରହ୍ମପୁର ଲୋକସଭା ଆସନ ପାଇଁ ୧୧ ଜଣ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାବେଳେ ନବରଙ୍ଗପୁର ଲୋକସଭା ଆସନ ପାଇଁ ୪ ଜଣ ପ୍ରାର୍ଥୀ ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା କରୁଛନ୍ତି। ୨୮ଟି ବିଧାନସଭା

ଆସନ ପାଇଁ ୨୪୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି। ମୋଟ୍ ୬୨ ଲକ୍ଷ ୮୭ ହଜାର ୨୨୨ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ୭ ହଜାର ୨୮୯ଟି ଏବଂ ୧୪ଟି ଅତିରିକ୍ତ ବୁଥ୍ ପ୍ରସ୍ତୁତ କରାଯାଇଛି। ମତଦାତାଙ୍କ ମଧ୍ୟରେ ୩୦ ଲକ୍ଷ ୯୭ ହଜାର ୫୨୭ ଜଣ ପୁରୁଷ, ୩୧ ଲକ୍ଷ ୮୯ ହଜାର ୬୦ ଜଣ ମହିଳା ଏବଂ ୬୩୫ ଜଣ ତୃତୀୟ ଲିଙ୍ଗୀ ମତଦାତା ଅଛନ୍ତି।

## ଭୋଟ୍ ପାଇଁ ପ୍ରଚାର

ମାଲକାନାଗିରି ଜିଲ୍ଲାରେ ଆସନ୍ତା ସୋମବାର ଦିନ ମତଦାନ ଅନୁଷ୍ଠିତ ହେବ। ପ୍ରଚାର କାର୍ଯ୍ୟର ଶେଷ ଦିନରେ ଆଜି ବିଭିନ୍ନ ରାଜନୈତିକ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ କର୍ମୀମାନେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି।

## ପୁଲିଂ ପାର୍ଟି ଗସ୍ତ

ନବରଙ୍ଗପୁର ଜିଲ୍ଲାରେ ଆସନ୍ତା ସୋମବାର ଅନୁଷ୍ଠିତ ହେବାକୁ ଥିବା ମତଗ୍ରହଣ ପାଇଁ ପୁଲିଂ ଅଧିକାରୀମାନଙ୍କୁ ବୁଥ୍‌ରେ ପହଁଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଜି ପ୍ରଥମ ପର୍ଯ୍ୟାୟରେ ଝରିଗାଁ ଏବଂ ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପୁଲିଂ ଅଧିକାରୀମାନଙ୍କୁ ବୁଥ୍‌କୁ ପଠାଯାଉଛି। ଆସନ୍ତାକାଲି ଅନ୍ୟ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ନବରଙ୍ଗପୁର

ଏବଂ ଡାବୁଗାଁର ପୁଲିଂ ବୁଥ୍‌ଗୁଡ଼ିକ ପାଇଁ ଅଧିକାରୀ ଗସ୍ତ କରିବେ। ନବରଙ୍ଗପୁରଠାରେ ସମସ୍ତ ପୁଲିଂ କର୍ମଚାରୀ ପଞ୍ଜୀକରଣ କରି ନିର୍ବାଚନ ପାଇଁ ଇଭିଏମ୍ ଏବଂ ଭିଭିପାଟ୍ ସହ ଆବଶ୍ୟକୀୟ ସାମଗ୍ରୀ ଗ୍ରହଣ କରିଛନ୍ତି। ପୁଲିଂ ଅଧିକାରୀଙ୍କ ସହ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ଯାଇଛନ୍ତି। ୪ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ମୋଟ୍ ୯୯୩ଟି ବୁଥ୍ ସ୍ଥାପନ କରାଯାଇଛି। ସେଥିମଧ୍ୟରେ ୧୯୪ଟି ଆଦର୍ଶ ବୁଥ୍ ରହିଛି।

## ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

ଆଜି ହେଉଛି ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ। ୧୯୯୮ ମସିହା ମେ' ମାସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ରାଜସ୍ଥାନର ପୋଖରାନଠାରେ ସଫଳତାର ସହିତ ପରମାଣୁ ପରୀକ୍ଷା କରିଥିଲେ। ଭାରତର ସାହସିକତାକୁ ବିଶ୍ୱ ଦରବାରରେ ପହଁଞ୍ଚାଇଥିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବେ ପାଳନ କରାଯାଉଛି। ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଯୁକ୍ତିବିଦ୍ୟା ସଂସ୍ଥା ଏବଂ ବୈଜ୍ଞାନିକ ବ୍ୟକ୍ତିବିଶେଷଙ୍କୁ ଆଜିର ଦିନରେ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ଏବଂ ଜାତୀୟ ପ୍ରଯୁକ୍ତି ପୁରସ୍କାର ଦିଆଯାଉଛି। ଆଜିର ବାର୍ତ୍ତା ହେଉଛି ନୂତନତା ଆଣିବା ପାଇଁ ଷ୍ଟାର୍ଟଅପ୍ ସୃଷ୍ଟି କରୁଥିବା ଯୁବ ମାନସ।

ଏହି ଦିବସ ପାଳନ ଅବସରରେ ରାଜ୍ୟପାଳ ରଘୁବର ଦାସ ସାମାଜିକ ଗଣମାଧ୍ୟମରେ ବୈଜ୍ଞାନିକ, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ତଥା ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସେ କହିଛନ୍ତି, ଆଜିର ଦିନରେ ପରମାଣୁ ପରୀକ୍ଷଣ କରି ଭାରତ ବିଶ୍ୱରେ ନିଜକୁ ସଶକ୍ତ ରାଷ୍ଟ୍ରଭାବେ ପ୍ରତିପାଦିତ କରିପାରିଛି।

ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କ ପାଇଁ ପ୍ରଗତି ଓ ସମୃଦ୍ଧତାର କାମନା କରିବା ସହ ଓଡ଼ିଶା ନବସୃଜନ ଗଠନରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଛନ୍ତି।

ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ବିଧାନସଭା ନିର୍ବାଚନ-ଢେଙ୍କାନାଳ

ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି। ଆସନ୍ତା ୨୫ ତାରିଖରେ ଏହି ଆସନରେ ମତଦାନ ଅନୁଷ୍ଠିତ ହେବ। ବିଭିନ୍ନ ରାଜନୈତିକ ଦଳୀୟ ପ୍ରାର୍ଥୀ ଏବଂ ସ୍ୱାଧୀନଭାବେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ପ୍ରାର୍ଥୀ ନିଜ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଏହି ବିଧାନସଭା ଆସନରେ ନିର୍ବାଚନ ସ୍ଥିତି

ନେଇ ଆମ **ଢେଙ୍କାନାଳ** ସମ୍ବାଦଦାତା **ବିରଞ୍ଚି ନାରାୟଣ ସେଠ୍**ଙ୍କ ରିପୋର୍ଟ....

# - V/O –

## ନିର୍ବାଚନ ପ୍ରସ୍ତୁତି

ଅନୁଗୁଳ ଜିଲ୍ଲାରେ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭୋଟ୍‌ଗ୍ରହଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି। ନିର୍ବାଚନ ସମ୍ପର୍କିତ ଆପତ୍ତି ଅଭିଯୋଗ ଦାଖଲ ପାଇଁ ମୋବାଇଲ୍ ନମ୍ବର ମାନ ଜାରି କରାଯାଇଛି। ଆଜି ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ସମୀକ୍ଷା ବୈଠକରେ ଅନୁଗୁଳ, ତାଳଚେର ଓ ପାଲଲହଡ଼ା ବିଧାନସଭା କ୍ଷେତ୍ର ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଏବଂ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଅବଦୁଲ୍ ଏମ୍. ଅଖତର୍ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

## ରଥଖଳା

ପୁରୀ ଶ୍ରୀକ୍ଷେତ୍ରରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ତିନି ରଥ ତିଆରି ନେଇ ରଥଖଳା ଚଳଚଞ୍ଚଳ ହୋଇଛି। ଭୋଇ ସେବାୟତମାନେ ରଥଖଳାରେ ଆବଶ୍ୟକୀୟ କାଠ ପହଁଞ୍ଚାଉଛନ୍ତି। ମହାରଣା ସେବକମାନେ ଆଜି ସେହି କାଠରେ ଚିହ୍ନ ଦେବେ ଏବଂ କରତି ସେବକ **‘ତୁମ୍ବ’** ନିର୍ମାଣ ପାଇଁ ଫାଶୀ କାଠ ଚିରଟ କାର୍ଯ୍ୟ ଆରମ୍ଭ କରିବେ। ପ୍ରଥମ ପର୍ଯ୍ୟାୟରେ

ତିନିରଥର ୪୨ଟି ଚକ ପାଇଁ ଆବଶ୍ୟକୀୟ ପଡୁଥିବା **'ତୁମ୍ବ'**ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଆମ ପୁରୀ ସମ୍ବାଦଦାତା ଜଣାଇଛନ୍ତି ।

## ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଅନୁଷ୍ଠିତ ହୋଇଛି । ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ନିମ୍ନ ଅଦାଲତରେ ଲୋକଅଦାଲତ ମାଧ୍ୟମରେ ମାମଲାଗୁଡ଼ିକର ଆପୋଷ ଫଇସଲା ମାଧ୍ୟମରେ ଶୁଣାଣି ଚାଲିଛି । କଟକସ୍ଥିତ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆଜିର ଏହି ଲୋକ ଅଦାଲତ ପାଇଁ ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ମାମଲା ବିଭିନ୍ନ ଅଦାଲତରେ ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଛି ।

********************************